# NATIONAL NEWS BULLETIN (ODIA)
## 12 December - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଅନୁଷ୍ଠିତ ହେବାକୁ ଥିବା ମହାକୁମ୍ଭ ୨୦୨୫କୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ନୂଆଦିଲ୍ଲୀରେ ନେପାଳ ସେନାମୁଖ୍ୟ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପକ୍ଷିୟ ବୈଠକ ।
- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୩ରୁ ୨୦୨୬ ପର୍ଯ୍ୟନ୍ତ ୧ କୋଟି ୬୦ ଲକ୍ଷ ଏଲ୍.ପି.ଜି. ସଂଯୋଗ ଦିଆଯାଇଛି, ଲୋକସଭାରେ ଉତ୍ତର ରଖିଲେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ।
- ଓଡ଼ିଶାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହେଲା ନୂତନ ବ୍ୟାଡ୍‌ମିଣ୍ଟନ୍ ହାଇ ପର୍ଫମାନ୍ସ ସେଣ୍ଟର ।

ଏବଂ

- ପୁରୁଷ ଫୁଟବଲ୍ ବିଶ୍ୱକପ୍ ୨୦୩୪ ଆୟୋଜନ କରିବ ସାଉଦିଆରବ ।

# ପିଏମ୍-ପ୍ରୟାଗରାଜ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତର ପ୍ରଦେଶର ସଂଗମ ନଗରୀ ପ୍ରୟାଗରାଜ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ଜାନୁଆରୀ ୧୩ ତାରିଖ ଦିନ ଆରମ୍ଭ ହେଉଥିବା ମହାକୁମ୍ଭ ୨୦୨୫କୁ ଆନୁଷ୍ଠାନିକ ଭାବେ ଆସନ୍ତାକାଲି ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ୭ ହଜାର କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ମହାକୁମ୍ଭ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ପ୍ରକଳ୍ପ ଅଧୀନରେ ରେଳ, ସଡ଼କ ତଥା ୧୦ଟି ନୂତନ ଫ୍ଲାଏ ଓଭର, ସ୍ଥାୟୀ ନଦୀଘାଟ, ନଦୀ ସମ୍ମୁଖ ରାସ୍ତା ପ୍ରଭୃତିର ଲୋକାର୍ପଣ କରିବେ । ପ୍ରୟାଗରାଜକୁ ଯାଉଥିବା ଶ୍ରଦ୍ଧାଳୁମାନଙ୍କ ଗମନାଗମନର ସରଳ ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ଏହି ଭିତ୍ତିଭୂମିର ଉଦ୍‌ଘାଟନ କରିବେ । ଏହି ଅବସରରେ ମଧ୍ୟ ଶ୍ରୀ ମୋଦୀ ବିଭିନ୍ନ ମନ୍ଦିରର କରିଡ଼ର, ଭରଦ୍ୱାଜ ଆଶ୍ରମ କରିଡ଼ର, ଶ୍ରୀଙ୍ଗ୍‌ଭେରପୁର ଧାମ୍ କରିଡ଼ର, ଅକ୍ଷୟବଟ କରିଡ଼ର, ହନୁମାନ ବନ୍ଦିର କରିଡ଼ରର ଲୋକାର୍ପଣ କରିବେ । ତ୍ରିବେଣୀ ସଂଗମ ଠାରେ ପ୍ରଧାନମନ୍ତ୍ରୀ ତିନି ଘଣ୍ଟା ରହି ଜଳ ଅର୍ପଣ କରିବା ସହ ଅକ୍ଷୟବଟ ଏବଂ ପ୍ରଭୁ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଗଙ୍ଗାପୂଜନ ଏବଂ ଆରତୀ କରିବାର କାର୍ଯ୍ୟସୂଚୀ ରହିଛି । ପରେ ସେ କୁମ୍ଭମେଳା ଅଞ୍ଚଳରେ ଏକ ଜନସମାବେଶକୁ ସମ୍ବୋଧନ କରିବେ ।

## ପିଏମ୍-ଜଳଜୀବନ

ଜଳ ଜୀବନ ମିଶନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହି ଯୋଜନା ବିଶେଷ କରି ଗ୍ରାମାଞ୍ଚଳରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ହାତ ପାହାନ୍ତାରେ ସ୍ୱଚ୍ଛ ପାଣି ରହିଲେ ମହିଳାମାନେ ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତା ଉପରେ ଧ୍ୟାନ ଦେଇପାରିବେ ।

## ରାଜନାଥ-ଆର୍ମି ଚିଫ୍ ନେପାଳ

ନୂଆଦିଲ୍ଲୀରେ ନେପାଳ ସେନା ମୁଖ୍ୟ ଜେନେରାଲ୍ ଅଶୋକ ରାଜ ଶିଗ୍‌ଦେଲ୍ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତକାର ସମୟରେ ଉଭୟ ଦେଶ ମଧ୍ୟରେ ଥିବା ବିଭିନ୍ନ ସମସ୍ୟା ଏବଂ ଦ୍ୱିପକ୍ଷିୟ ସମ୍ପର୍କ ବିଷୟରେ ଦୁଇ ଜଣ ଆଲୋଚନା କରିଛନ୍ତି । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା, ନେପାଳ ସେନା ବାହିନୀର ଦକ୍ଷତା ବୃଦ୍ଧି କରିବା ପାଇଁ ପ୍ରଶିକ୍ଷଣ ନିତିନିଦିଆ ସାମରିକ ଅଭ୍ୟାସ, ଆଲୋଚନାଚକ୍ର ଏବଂ ସେମିନାରର ଆୟୋଜନ କରିବାକୁ ଏହି ବୈଠକରେ ଆଲୋଚନା ହୋଇଛି । ଏହାସହ ନେପାଳକୁ ପ୍ରତିରକ୍ଷା ସମ୍ପର୍କିତ ଅସ୍ତ୍ରଶସ୍ତ୍ର ଯୋଗାଇଦେବା ପାଇଁ ନେପାଳ ସେନା ମୁଖ୍ୟ ଭାରତକୁ

ଅନୁରୋଧ କରିଛନ୍ତି । ପଡ଼ୋଶୀ ଦେଶ ଭାବେ ନେପାଳ ସହିତ ସମ୍ପର୍କକୁ ମଜବୁତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏହି ବୈଠକରେ ଦୋହରାଇଛନ୍ତି ।

## ଏଲ୍‌ଏସ୍-ଉଜ୍ଜ୍ୱଳା

ସରକାର କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୩-୨୪ ଆର୍ଥିକ ବର୍ଷରୁ ୨୦୨୫-୨୬ ପର୍ଯ୍ୟନ୍ତ ଏକ କୋଟି ୬୦ ଲକ୍ଷ ଏଲ୍.ପି.ଜି. ସଂଯୋଗ ପ୍ରଦାନ କରାଯାଇଛି । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ଗୃହରେ ସୂଚନା ଦେଇ କହିଛନ୍ତି, ୨୫-୨୬ ବର୍ଷରେ ଗ୍ୟାସ୍ ସଂଯୋଗୀକରଣ କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ତାହା ଚଳିତ ବର୍ଷ ଗତ ଜୁଲାଇ ମାସରେ ପୂର୍ଣ୍ଣ ହୋଇଛି । ସେ କହିଛନ୍ତି, ସରକାରଙ୍କ ଉଦ୍ୟମ ଫଳରେ ଦେଶରେ ଏଲ୍.ପି.ଜି. ସଂଯୋଗିକରଣ ୨୦୧୬ ଏପ୍ରିଲ୍ ମାସ ଠାରୁ ୬୨ ପ୍ରତିଶତ ବୃଦ୍ଧି ପାଇଛି । ମନ୍ତ୍ରୀ କହିଛନ୍ତି, ଦେଶରେ ଥିବା ଗରିବ ମହିଳାମାନଙ୍କୁ ବିନା ଦେୟରେ ଏଲ୍.ପି.ଜି. ସଂଯୋଗୀକରଣ ଗତ ୨୦୧୬ ମେ ମାସ ଠାରୁ ଯୋଗାଇ ଦିଆଯିବା ଆରମ୍ଭ ହୋଇଥିଲା । ଶ୍ରୀ ଗୋପୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ପ୍ରଥମ ପର୍ଯ୍ୟାୟରେ ୨୦୧୯ ସେପ୍ଟେମ୍ବର

ମାସରେ ୮ କୋଟି ଏଲ୍.ପି.ଜି. ସଂଯୋଗ ଦିଆଯାଇଥିଲା । କେନ୍ଦ୍ରମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ଏଲ୍.ପି.ଜି. ରିଫିଲ୍ ବୁକିଂ କ୍ଷେତ୍ରରେ ଏସ୍.ଏମ୍.ଏସ୍., ଆଇ.ବି.ଆର୍.ଏସ୍., ହ୍ୱାଟସ୍‌ଆପ୍ କଲିଂ, ଇ-କମର୍ସ ପ୍ଲାଟ୍‌ଫର୍ମ ଆଦି ମାଧ୍ୟମରେ ସହଜ ଏବଂ ସରଳ କରାଯାଇଛି । ଏହି ସୁବିଧା ତୈଳ ମାର୍କେଟିଂ କମ୍ପାନୀ ଆପ୍ସ ଏବଂ **OMCs** ୱେବ୍ ପୋର୍ଟାଲ୍‌ରେ ମାଧ୍ୟମରେ ମଧ୍ୟ ଉପଲବ୍ଧ ହେଉଛି ।

## ଆର୍‌ଏସ୍- ସ୍ପିକର୍

ଆଇନ୍ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି, ଭାରତ ନ୍ୟାୟପାଳିକା, ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତି ବିକାଶ ପାଇଁ ଇ-କୋର୍ଟ୍, ମିଶନ୍ ମୋଡ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ମେଘୱାଲ କହିଛନ୍ତି, ସରକାରଙ୍କ ନ୍ୟାୟ ବିଭାଗ ସମ୍ପୃକ୍ତ ହାଇକୋର୍ଟ ମାଧ୍ୟମରେ ସୁପ୍ରିମ୍‌କୋର୍ଟର ଇ-କମିଟି ସହ ସୁ-ସମନ୍ୱୟ ରକ୍ଷା କରି ଇ-କୋର୍ଟ୍ ପ୍ରକଳ୍ପକୁ ବିକେନ୍ଦ୍ରୀକରଣ ଢଙ୍ଗରେ କାର୍ଯ୍ୟକାରୀ କରୁଛି । ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ୨୦୧୧ରୁ ୨୦୧୫ରେ କାର୍ଯ୍ୟକାରୀ ହୋଇଥିଲା । ଏଥିରେ କମ୍ପ୍ୟୁଟର ହାଡ୍‌ୱାର୍ ସ୍ଥାପନ, ଇଣ୍ଟରନେଟ୍ ସଂଯୋଗୀକରଣ ତଥା ଇ-କୋର୍ଟ୍ ପ୍ଲାଟ୍‌ଫର୍ମକୁ କାର୍ଯ୍ୟକ୍ଷମ କରିବା ପାଇଁ କମ୍ପ୍ୟୁଟରିକରଣର ମୌଳିକ ଦିଗକୁ ଗୁରୁତ୍ୱ ଦିଆଯାଇଥିଲା ।

ଏହି ପ୍ରକଳ୍ପ ପାଇଁ ୯୩୫ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ଏଥିରେ ୬୩୯ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲା ଓ ଅଧିନସ୍ତ ଅଦାଲତର ସକ୍ଷମିକରଣ ଏବଂ ବିଭିନ୍ନ ନାଗରିକ କେନ୍ଦ୍ର ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ୧୬୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ୧୬୬୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ୨୦୨୩ ମସିହା ସୁଦ୍ଧା ୧୮ହଜାର ୭୩୫ଟି କୋର୍ଟ୍‌ରେ ଡିଜିଟାଲ୍ ଭିତ୍ତିଭୂମି ଯୋଗାଇ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

# ଏଲ୍‌ଏସ୍-ସ୍ମାର୍ଟ୍ ସିଟି

ସରକାର କହିଛନ୍ତି, ସ୍ମାର୍ଟ୍ ସିଟି ମିଶନ୍ ପ୍ରକଳ୍ପ ଅଧୀନରେ ଦେଶର ୧୦୦ଟି ସ୍ମାର୍ଟ୍ ସିଟିରେ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ଆଇ.ସି.ସି.ସି. ସ୍ଥାପନ କରାଯାଇଛି । ଲୋକସଭାରେ ପଚରା ଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ଏବଂ ସହର ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ତୋଖନ ସାହୁ କହିଛନ୍ତି, ଏଥିରେ ୮୪ ହଜାର ସି.ସି. ଟିଭି ସର୍ଭିଲେନ୍ସ କ୍ୟାମେରା, ୧ ହଜାର ୮୮୪ଟି ଜରୁରୀକାଳୀନ କଲ୍ ବକ୍ସ ଏବଂ ୩ ହଜାରରୁ ଊର୍ଦ୍ଧ୍ୱ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ୍ ସ୍ଥାପନ କରାଯାଇଛି । କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ୧୭୦୦ କିଲୋମିଟରରୁ ଊର୍ଦ୍ଧ୍ୱ ସ୍ମାର୍ଟ୍ ସଡ଼କ ୭୧୩

କିଲୋମିଟର ସାଇକେଲ୍ ଟ୍ରାକ୍ ଏବଂ ୧୭ ହଜାର ଜଳ ଯୋଗାଣ ବ୍ୟବସ୍ଥା ଏହି ସ୍ମାର୍ଟ୍ ସିଟି ମିଶନ୍ ପ୍ରକଳ୍ପ ଅଧୀନରେ ବ୍ୟବସ୍ଥା କରାଯାଇଛି, ଯାହାକୁ ସୁପରଭାଇଜରିଂ କଣ୍ଟ୍ରୋଲ୍ ଆଣ୍ଡ ଡାଟା ଏକ୍ୟୁଜିସନ୍ (ଏସ୍.ସି.ଏ.ଡି.ଏ.) ସିଷ୍ଟମ ଦ୍ୱାରା ଅନୁଧ୍ୟାନ କରାଯାଉଛି । ଶ୍ରୀ ସାହୁ କହିଛନ୍ତି, ୬୬ଟି ଊର୍ଦ୍ଧ୍ୱ ସହରରେ ବର୍ଜ୍ୟବସ୍ତୁ ପରିଚାଳନା ନୂତନ ଜ୍ଞାନକୌଶଳରେ କରାଯାଉଛି ଏବଂ ୯ ହଜାରରୁ ଊର୍ଦ୍ଧ୍ୱ ଯାନ ଗୁଡ଼ିକରେ ରେଡିଓ ଫ୍ରିକ୍ୟୁଏନ୍ସି ଆଡେଣ୍ଟିଫିକେସନ୍ ବ୍ୟବସ୍ଥା କରାଯାଇ ଯାନ ଗୁଡ଼ିକର ସ୍ୱୟଂ ଚିହ୍ନଟିକରଣ କରାଯାଇପାରୁଛି ।

## ଆର୍‌ଏସ୍-ଫାଇଭ୍-ଜି

ଦେଶର ସମସ୍ତ ରାଜ୍ୟ ତଥା କେନ୍ଦ୍ର ଶାସିତ ଅଞ୍ଚଳରେ ଫାଇଭ୍-ଜି ସେବା ଉପଲବ୍ଧ ହୋଇଛି ବୋଲି ସରକାର କହିଛନ୍ତି । ଚଳିତ ବର୍ଷ ଗତ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଦେଶରେ ଥିବା ୭୮୩ଟି ଜିଲ୍ଲା ମଧ୍ୟରୁ ୭୭୯ଟି ଜିଲ୍ଲାରେ ଏହି ଫାଇଭ୍ ଜି ସେବା ଉପଲବ୍ଧ ହୋଇଛି । ରାଜ୍ୟସଭାରେ ପଚରା ଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଯୋଗାଯୋଗ ଏବଂ ଗ୍ରାମୀଣ ବିକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ପେମାସାଣି ଚନ୍ଦ୍ର ଶେଖର କହିଛନ୍ତି, ୨୦୨୨ ଅକ୍ଟୋବରରୁ ଫାଇଭ୍-ଜି ସେବା ଲୋକାର୍ପଣ ହେବା ପୂର୍ବରୁ ଦେଶରେ ୪ ଲକ୍ଷ ୬୦ ହଜାର ଫାଇଭ୍-ଜି ବେଶ୍ ଟ୍ରାନ୍ସିଭର୍

ଷ୍ଟେସନ୍ ସ୍ଥାପନ କରାଯାଇଥିଲା । ସେ କହିଛନ୍ତି, ମୋବାଇଲ୍ ସେବାକୁ ସହଜ ଏବଂ ସୁବିଧା କରିବା ପାଇଁ ସରକାର ଏ କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି ।

## ବ୍ୟାଡ୍‌ମିଣ୍ଟନ୍ ଷ୍ଟାଡିୟମ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶାର ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସି ସେଣ୍ଟରର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆସାମ ମୁଖ୍ୟମନ୍ତ୍ରୀ ତଥା ଭାରତ ବ୍ୟାଡମିଣ୍ଟନ ସଂଘର ସଭାପତି ହିମନ୍ତ ବିଶ୍ୱଶର୍ମା ଯୋଗ ଦେଇଛନ୍ତି। ଆଜିର ଏହି ଉଦ୍‌ଘାଟନୀ ଉତ୍ସବ ରାଜ୍ୟର କ୍ରୀଡ଼ା କ୍ଷେତ୍ରର ଯୁବ ପ୍ରତିଭାଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଗାମୀ ଦିନରେ ରାଜ୍ୟରୁ ଯେପରି ବହୁ ସଂଖ୍ୟକ ଖେଳାଳି ବ୍ୟାଡମିଣ୍ଟନରେ ଭାଗ ନେବେ, ସେ ନେଇ ସରକାରଙ୍କ ପ୍ରଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି। ଦେଶରେ ବ୍ୟାଡମିଣ୍ଟନ ଖେଳର ବିକାଶ ପାଇଁ ବ୍ୟାଡମଣ୍ଟନ ଆସୋସିଏସନ୍ ଅଫ ଇଣ୍ଡିଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପ୍ରଧାନମବୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଆଜି କ୍ରୀଡ଼ା କ୍ଷେତ୍ରରେ ଶକ୍ତିକେନ୍ଦ୍ର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜାତୀୟ ବ୍ୟାଡମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ଫିଫା ୱାର୍ଲ୍ଡକପ୍

ସାଉଦିଆରବ ୨୦୩୪ ପୁରୁଷ ଫୁଟବଲ ବିଶ୍ୱକପ୍ ଆୟୋଜନ କରିବ ବୋଲି ଆନ୍ତର୍ଜାତିକ ଫୁଟବଲ ମହାସଂଘ ଘୋଷଣା କରିଛି । ଏଥିସହିତ ସ୍ପେନ୍, ପର୍ତ୍ତୁଗାଲ ଏବଂ ମରକ୍କୋ ମିଳିତ ଭାବେ ୨୦୩୦ ପ୍ରତିଯୋଗିତା ଆୟୋଜନ କରିବେ । ଗତକାଲି ଫିଫାର ବୈଠକରେ ଆୟୋଜକ ଦେଶ ଗୁଡ଼ିକ ଏହା ନିଶ୍ଚିତ କରିଛନ୍ତି । ଆଭାସି ଜରିଆରେ ଅନୁଷ୍ଠିତ ବୈଠକରେ ଫିଫାର ସମସ୍ତ ୨୧୧ଟି ସଦସ୍ୟ ଦେଶର ପ୍ରତିନିଧି ଯୋଗ ଦେଇଥିଲେ । ବିଶ୍ୱକପ୍‌ର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୦ ପ୍ରତିଯୋଗିତାରେ ତିନୋଟି ମ୍ୟାଚ୍ ଆର୍ଜେଣ୍ଟିନା, ପାରାଗୁଏ ଏବଂ ଉରୁଗୁଏରେ ଅନୁଷ୍ଠିତ ହେବ । ଉଭୟ ପ୍ରତିଯୋଗିତା ଏବଂ ୨୦୩୦ ଶତବାର୍ଷିକୀ ସମାରୋହ ଲାଗି  ଅଲଗା ଅଲଗା ଭୋଟିଂ କରାଯାଇଥିଲା । ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ  ଉରୁଗୁଏ, ପାରାଗୁଏ ଖଏବଂ ଆର୍ଜେଣ୍ଟିନା ଶତବାର୍ଷିକୀ ଆୟୋଜକ ଭାବେ ଚୟନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସ୍ପେନ୍, ପର୍ତ୍ତୁଗାଲ ଓ ମରକ୍କୋକୁ ୨୦୩୦ ଆୟୋଜକ ଭାବେ ମନୋନୀତ କରାଯାଇଥିଲା । ଏଥିରେ ୨୦୩୪ ପ୍ରତିଯୋଗିତା ପାଇଁ ସାଉଦି ଆରବକୁ ପୁରସ୍କୃତ କରାଯାଇଥିଲା ।

ଫିଫା ମହାସଚିବ ମାଟିଆସ୍ ଗ୍ରାଫଷ୍ଟ୍ରୋମ୍ କହିଛନ୍ତି, ୨୧୧ ସଦସ୍ୟ ଦେଶର ପ୍ରତିନିଧିମାନେ ଏଥିରେ ମତଦାନ କରିଥିଲେ । ପ୍ରଥମଥର ପାଇଁ ସାଉଦି ଆରବ ବିଶ୍ୱକପ୍ ଆୟୋଜନ କରିବ ଏବଂ ଦ୍ୱିତୀୟ ଥର ପାଇଁ ମଧ୍ୟପ୍ରାଚ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ।